# Joint Press Release of the 14th round of India-China Corps Commander Level Meeting

January 13, 2022

## ଭାରତ-ଚୀନ ସେନା କମାଣ୍ଡରସ୍ତରୀୟ 14 ତମ ପର୍ଯ୍ୟାୟ ବୈଠକ ଉପରେ ମିଳିତ ପ୍ରେସ ବିଜ୍ଞପ୍ତି

**ଜାନୁଆରୀ 13, 2022**

12 ଜାନୁଆରୀ 2022 ରେ ଚୀନ ପାର୍ଶ୍ୱରେ ଥିବା ଚୁସୁଲ-ମୋଲଡୋ ସୀମା ବୈଠକ ସ୍ଥଳରେ ଭାରତ-ଚୀନ ମଧ୍ୟରେ ସେନା କମାଣ୍ଡରସ୍ତରୀୟ 14 ତମ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉଭୟ ପକ୍ଷର ପ୍ରତିରକ୍ଷା ଏବଂ ବୈଦେଶିକ ବ୍ୟାପାର ପ୍ରତିଷ୍ଠାନଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପଶ୍ଚିମ କ୍ଷେତ୍ରରେ ପ୍ରକୃତ ନିୟନ୍ତ୍ରଣ ରେଖା ସମ୍ବନ୍ଧିତ ସମସ୍ୟାର ସମାଧାନ ପାଇଁ ଦୁଇ ପକ୍ଷ ମଧ୍ୟରେ ଖୋଲା ଓ ଗହନ ମତ ବିନିମୟ ହୋଇଥିଲା। ସେମାନେ ସହମତ ହୋଇଥିଲେ ଯେ ଉଭୟ ପକ୍ଷ ରାଷ୍ଟ୍ର ନେତୃବୃନ୍ଦଙ୍କ ଦ୍ୱାରା ପ୍ରଦତ୍ତ ମାର୍ଗଦର୍ଶନକୁ ଅନୁସରଣ କରିବା ଉଚିତ୍ ଏବଂ ବାକି ସମସ୍ୟାର ଶୀଘ୍ର ସମାଧାନ ପାଇଁ କାର୍ଯ୍ୟ କରିବା ଉଚିତ୍। ଏହା ପଶ୍ଚିମ କ୍ଷେତ୍ରର ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାରେ ତଥା ଦ୍ୱିପାକ୍ଷିକ ସମ୍ପର୍କରେ ଅଗ୍ରଗତି କରିବାରେ ସହାୟକ ହେବ ବୋଲି ଜୋର କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବୈଠକର ଫଳାଫଳକୁ ଏକୀଭୂତ କରିବା ଏବଂ ଶୀତଦିନେ ପଶ୍ଚିମ କ୍ଷେତ୍ରରେ ଭୂମିସ୍ତରରେ ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ନିମନ୍ତେ ପ୍ରଭାବୀ ପଦକ୍ଷେପ ନେବା ପାଇଁ ଉଭୟ ପକ୍ଷ ମଧ୍ୟ ସହମତ ହୋଇଥିଲେ। ଉଭୟ ପକ୍ଷ ନିୟମିତ ଯୋଗାଯୋଗରେ ରହିବାକୁ ଏବଂ ସାମରିକ ଓ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଆଲୋଚନା ଜାରି ରଖିବାକୁ ସହମତ ହୋଇଥିଲେ ଏବଂ ବାକି ସମସ୍ୟାର ଶୀଘ୍ର ଗ୍ରହଣୀୟ ସମାଧାନ ପାଇଁ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏହା ମଧ୍ୟ ସହମତି ହୋଇଥିଲା ଯେ କମାଣ୍ଡରମାନଙ୍କ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଶୀଘ୍ର ଅନୁଷ୍ଠିତ ହେବ।

**ନୂଆଦିଲ୍ଲୀ**

**ଜାନୁଆରୀ 13, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.